# NATIONAL NEWS BULLETIN (ODIA)
## 5 June - 2024
## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ଚଳିତ ଲୋକସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍.ଡି.ଏ. ହାସଲ କଲା ସଂଖ୍ୟା ଗରିଷ୍ଠତା ।
- ଏନ୍.ଡି.ଏ. ୨୯୨ଟି, ଇଣ୍ଡି ମେଣ୍ଟ ୨୩୩ଟି ଏବଂ ଅନ୍ୟାନ୍ୟ ୧୮ଟି ଆସନରେ ବିଜୟୀ ।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରାଣସୀ ଲୋକସଭା ଆସନରୁ ବିଜୟୀ ।

– ଓଡ଼ିଶାରେ ବିଜେପିର ଅଭୂତପୂର୍ବ ସଫଳତା ।

– ୨୦ଟି ଲୋକସଭା ଆସନ ସହ ରାଜ୍ୟ ବିଧାନସଭାରେ ହାସଲ କଲା ବହୁମତ ।

- ବିଭିନ୍ନ ରାଜ୍ୟରେ ଅନୁଷ୍ଠିତ ୨୫ଟି ଉପନିର୍ବାଚନରେ ବିଜେପିକୁ ମିଳିଛି ୧୧ଟି ଆସନ ।

ଏବଂ

- ଚଳିତ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ସିରିଜ୍‌ରେ ଆଜି ଆୟର୍ଲାଣ୍ଡ ବିପକ୍ଷରେ ମ୍ୟାଚ୍ ଖେଳି ଭାରତ ଆରମ୍ଭ କରିବ ତାର ଅଭିଯାନ ।

## ଇଲେକ୍‌ସନ୍ ରାଉଣ୍ଡଅପ୍

ଚଳିତ ଅଷ୍ଟାଦଶ ଲୋକସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍.ଡି.ଏ. ସଂଖ୍ୟା ଗରିଷ୍ଠତା ହାସଲ କରିଛି । ୫୪୩ ଲୋକସଭା ଆସନ ମଧ୍ୟରୁ ଏନ୍.ଡି.ଏ. ୨୯୨ଟି ଆସନ ହାସଲ କରିଥିବା ବେଳେ ଇଣ୍ଡି ମେଣ୍ଟ ୨୩୩ଟି ସିଟ୍‌ରେ ବିଜୟ ହାସଲ କରିଛି । ଅନ୍ୟାନ୍ୟ ୧୮ଟି ଆସନ ପାଇଛନ୍ତି । ବିଜେପି ଏକାକୀ ୨୪୦ ସିଟ୍ ପାଇଥିବା ବେଳେ ତେଲୁଗୁ ଦେଶମ୍ ୧୬ ଏବଂ ଜେ.ଡି.ୟୁ. ୧୨ଟି ଆସନ ଅକ୍ତିଆର କରିଛି । ସେହିଭଳି କଂଗ୍ରେସ ଏକାକୀ ୯୯ଟି ଆସନ ଜିତିଥିବା ବେଳେ ସମାଜବାଦୀ ପାର୍ଟି ୩୭, ତୃଣମୂଳ କଂଗ୍ରେସ ୨୯ ଏବଂ ଡି.ଏମ୍.କେ. ୨୨ଟି ସିଟ୍ ହାସଲ କରିଛି ।

ବିଜୟ ଲାଭ କରିଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରାଣାସୀ ଆସନରୁ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଗାନ୍ଧିନଗର ଆସନରୁ, ଓମ୍ ବିର୍ଲା କୋଟାରୁ, ଅର୍ଜୁନ ରାମ ମେଘୱାଲ୍ ବିକାନେର୍, ଯୋଧପୁରରୁ ଗଜେନ୍ଦ୍ର ସିଂହ ଶେଖାୱତ୍,

ଗୁନ୍ନା ଆସନରୁ ଜ୍ୟୋତିରାଦିତ୍ୟ ସିନ୍ଧିଆ, ମୈନିପୁରୀ ଆସନରୁ ସମାଜବାଦୀ ପାର୍ଟିର ଡିମ୍ପଲ ଯାଦବ ଏବଂ ଆସାମସୋଲ୍ ଆସନରୁ ତୃଣମୂଳ କଂଗ୍ରେସର ଶତ୍ରୁଘ୍ନ ସିହ୍ନା ଅଛନ୍ତି ।

ଅନ୍ୟ ପକ୍ଷରେ ବିଜେପିର ନେତା ତଥା କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା, ସ୍ମୃତି ଇରାନୀ, ନ୍ୟାସନାଲ୍ କନ୍‌ଫରେନ୍ସ ନେତା ଓମାର୍ ଅବଦୁଲ୍ଲା ଏବଂ ପି.ଡି.ପି. ନେତା ମେହବୁବା ମୁଫ୍‌ତି ନିର୍ବାଚନ ହାରିଯାଇଛନ୍ତି ।

ଉତ୍ତର ପ୍ରଦେଶରେ ୮୦ଟି ଲୋକସଭା ଆସନ ମଧ୍ୟରୁ ୩୭ଟି ସମାଜବାଦୀ ପାର୍ଟି ହାସଲ କରିଥିବା ବେଳେ ବିଜେପି ୩୩ଟି ଆସନରେ, କଂଗ୍ରେସ ୬, ରାଷ୍ଟ୍ରୀୟ ଲୋକଦଳ ୨, ଅପ୍‌ନା ଲ (ସୋନେୟାଲା) ଏବଂ ଆଜାଦ ସମାଜ ପାର୍ଟି (କାନ୍‌ଶିରାମ) ଗୋଟିଏ ଲେଖାଏଁ ଆସନରେ ବିଜୟୀ ହୋଇଛନ୍ତି । ବି.ଏସ୍.ପି. କୌଣସି ଆସନରେ ସଫଳତା ପାଇନାହିଁ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରାଣସୀ ଲୋକସଭା ଆସନରୁ କଂଗ୍ରେସର ଅଜୟ ରାଇଙ୍କୁ ଦେଢ଼ ଲକ୍ଷରୁ ଅଧିକ ଭୋଟ୍‌ରେ ପରାସ୍ତ କରିଛନ୍ତି । ରାଜନାଥ ସିଂହ ଲକ୍ଷ୍ନୌ ଆସନରୁ ୧ଲକ୍ଷ ୩୫ ହଜାରରୁ ଊର୍ଦ୍ଧ୍ୱ ଭୋଟ୍ ବ୍ୟବଧାନରେ ବିଜୟୀ ହୋଇଛନ୍ତି । କଂଗ୍ରେସର ରାହୁଲ ଗାନ୍ଧି ରାୟବରେଲି ଆସନରୁ ବିଜେପି ପ୍ରାର୍ଥୀ ଦିନେଶ ପ୍ରତାପ ସିଂହଙ୍କୁ ୩ଲକ୍ଷ ୯୦ ହଜାରରୁ ଅଧିକ ଭୋଟ୍‌ରେ ପରାସ୍ତ କରି ବିଜୟୀ ହୋଇଛନ୍ତି ।

ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ କନ୍ନୌଜ୍ ଆସନରୁ ୧ଲକ୍ଷ ୭୦ହଜାରରୁ ଊର୍ଦ୍ଧ୍ୱ ଭୋଟରେ ବିଜୟୀ ହୋଇଛନ୍ତି ।

ଅନ୍ୟାନ୍ୟ ପ୍ରାର୍ଥୀଙ୍କ ମଧ୍ୟରେ ବିଜେପିର ଡକ୍ଟର ମହେଶ ଶର୍ମା ଗୌତମବୁଦ୍ଧନଗର ଆସନରୁ, ଜିତିନ ପ୍ରସାଦ ପିଲ୍‌ବିଟ୍‌ରୁ, ସ୍ୱାମୀ ସଚିଦାନନ୍ଦ ହରିଶ ସାକ୍‌ସି ଉନ୍ନାଓ ଆସନରୁ, ଅରୁଣ ଗୋଭିଲ୍ ମିରଟରୁ, ହେମାମାଳିନୀ ମଥୁରାରୁ ଏବଂ ଗୋରଖପୁରରୁ ରବି କିଶନ୍ ବିଜୟୀ ହୋଇଛନ୍ତି । ସ୍ମୃତି ଇରାନୀ ଆମେଥି ଲୋକସଭା ଆସନରୁ କଂଗ୍ରେସ ପ୍ରାର୍ଥୀ କିଶୋରୀ ଲାଲଙ୍କ ଠାରୁ ହାରିଯାଇଛନ୍ତି । ବିଜେପିର ବରିଷ୍ଠ ନେତା ମେନକା ଗାନ୍ଧି ସୁଲତାନପୁର ଆସନରୁ ସମାଜବାଦୀ ପାର୍ଟି ନେତା ରାମବୁଆଲ୍ ନିଶାଦଙ୍କ ଠାରୁ ୪୩ ହଜାରରୁ ଅଧିକ ଭୋଟ୍‌ରେ ପରାସ୍ତ ହୋଇଛନ୍ତି ।

ବିହାରର ୪୦ଟି ଲୋକସଭା ଆସନ ମଧ୍ୟରୁ ବିଜେପି ଏବଂ ଜନତା ଦଳ ୟୁନାଇଟେଡ୍ ୧୨ଟି ଲେଖାଏଁ ଆସନରେ ବିଜୟୀ ହୋଇଛନ୍ତି । ବିଜେପିର ଡକ୍ଟର ସଂଜୟ ଦେଶୱାଲ୍, ରାଧାମୋହନ ସିଂହ, ଗିରିରାଜ ସିଂହ, ରବି ଶଙ୍କର ପ୍ରସାଦ ପ୍ରମୁଖ ବିଜୟୀ ହୋଇଛନ୍ତି । ଅନ୍ୟ ପକ୍ଷରେ କଂଗ୍ରେସର ମନୋଜ କୁମାର, ତାରିକ୍ ଅନୱର ଓ ମହମ୍ମଦ ଜାୱେଦ୍ ବିଜୟୀ ହୋଇଛନ୍ତି । ଲୋକଜନଶକ୍ତି ପାର୍ଟି (ରାମବିଳାଶ) ୫ଟି ଆସନରେ, ରାଷ୍ଟ୍ରୀୟ ଜନତା ଦଳ ୪ଟି ଆସନରେ, କଂଗ୍ରେସ ଏବଂ

ସିପିଆଇଏମ୍(ଏମ୍ଏଲ୍) ଦୁଇଟି ଲେଖାଏଁ ଆସନରେ, ହିନ୍ଦୁସ୍ତାନୀ ଆୱାମ୍ ମୋର୍ଚ୍ଚା (ସେକୁଲାର୍) ଗୋଟିଏ ଆସନରେ ଏବଂ ସ୍ୱାଧୀନ ପ୍ରାର୍ଥୀ ଗୋଟିଏ ଆସନ ହାସଲ କରିଛନ୍ତି । ପୁର୍ଣ୍ଣିଆ ଲୋକସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ରାଜେଶ ରଞ୍ଜନ ତଥା ପପୁ ଯାଦବ ବିଜୟୀ ହୋଇଛନ୍ତି ।

ଦିଲ୍ଲୀର ସମସ୍ତ ୭ଟି ଯାକ ଆସନରେ ବିଜେପି ବିଜୟ ଲାଭ କରିଛି । ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ବାନ୍ସୁରୀ ସ୍ୱରାଜ, ପ୍ରବୀଣ ଖଣ୍ଡେଲୱାଲ୍, ରାମବୀର ସିଂହ ବିଦୁରି, ମନୋଜ ତିୱାରୀ, ହର୍ଷ ମାଲହୋତ୍ରା, କମଲଜିତ ସେରାୱତ୍ ଏବଂ ଯୋଗେନ୍ଦ୍ର ଚାଣ୍ଡୋଲିଆ ବିଜୟୀ ହୋଇଛନ୍ତି ।

ପଞ୍ଜାବର ୧୩ଟି ଆସନ ମଧ୍ୟରୁ କଂଗ୍ରେସ ୭ଟି, ଆମ୍ ଆଦମୀ ପାର୍ଟି ୩ଟି, ସିରୋମଣି ଅକାଳୀ ଦଳ ଗୋଟିଏ ଏବଂ ସ୍ୱାଧୀନ ପ୍ରାର୍ଥୀ ୨ଟି ଆସନରେ ବିଜୟୀ ହୋଇଛନ୍ତି ।

ହରିଆନାରେ ବିଜେପି ଏବଂ କଂଗ୍ରେସ ୫ଟି ଲେଖାଏଁ ଆସନରେ ବିଜୟୀ ହୋଇଛନ୍ତି ।

ଚଣ୍ଡିଗଡ଼ ଲୋକସଭା ଆସନରୁ କଂଗ୍ରେସର ମନିଶ ତିୱାରୀ ବିଜେପିର ସଂଜୟ ଟଣ୍ଡନଙ୍କ ବିରୁଦ୍ଧରେ ବିଜୟ ହାସଲ କରିଛନ୍ତି ।

ଜାମ୍ମୁ କାଶ୍ମୀରର ୫ଟି ଆସନ ମଧ୍ୟରୁ ବିଜେପି ଏବଂ ନ୍ୟାସନାଲ୍ କନ୍‌ଫରେନ୍ସ ଦୁଇଟି ଲେଖାଏଁ ଆସନ ହାସଲ କରିଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଗୋଟିଏ ଆସନରେ ବିଜୟୀ ହୋଇଛନ୍ତି । ନ୍ୟାସନାଲ୍ କନ୍‌ଫରେନ୍ସର ପ୍ରାର୍ଥୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ସ୍ୱାଧୀନ ପ୍ରାର୍ଥୀ ଇଞ୍ଜିନିୟର୍ ଶେଖ୍ ରସିଦ୍‌ଙ୍କ ଠାରୁ ବାରମୁଲା ଆସନରୁ ପରାସ୍ତ ହୋଇଛନ୍ତି ।

ବିଜେପି ନେତା ତଥା କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଉଧମପୁର ଲୋକସଭା ଆସନରେ ବିଜୟୀ ହୋଇଛନ୍ତି । ପି.ଡି.ପି. ନେତା ମେହବୁବା ମୁଫ୍‌ତି ନ୍ୟାସନାଲ୍ କନ୍‌ଫରେନ୍ସ ପ୍ରାର୍ଥୀ ମିଲନ୍ ଅଲତାଫ୍ ଅହମ୍ମଦଙ୍କ ଠାରୁ ଅନନ୍ତନାଗ-ରାଜୌରୀ ଆସନରୁ ପରାସ୍ତ ହୋଇଛନ୍ତି ।

ଲଦାଖ ଲୋକସଭା ଆସନରୁ ସ୍ୱାଧୀନ ପ୍ରାର୍ଥୀ ହାଜି ହନିଫା ବିଜୟୀ ହୋଇଛନ୍ତି ।

ହିମାଚଳ ପ୍ରଦେଶରେ ବିଜେପି ୪ଟି ଲୋକସଭା ଆସନରେ ବିଜୟ ହାସଲ କରିଛି । ୨୦୧୯ ମସିହାର ନିର୍ବାଚନ ଫଳାଫଳ ଇତିହାସକୁ ଚଳିତ ଥର ବିଜେପି ପୁନର୍ବାର ବଜାୟ ରଖିଛି । କେନ୍ଦ୍ରମନ୍ତ୍ରୀ ଅନୁରାଗ ସିଂହ ଠାକୁର ଏବଂ ଅଭିନେତ୍ରୀ କଙ୍ଗନା ରଣାୱ୍ୱତ୍ ବିଜୟୀ ପ୍ରାର୍ଥୀଙ୍କ ମଧ୍ୟରେ ରହିଛନ୍ତି ।

ଉତ୍ତରାଖଣ୍ଡରେ ବିଜେପି ୫ଟି ଲୋକସଭା ଆସନ ହାସଲ କରିଛି । ଦଳ ପକ୍ଷରୁ ଅଜୟ ଭଟ୍ଟ କଂଗ୍ରେସର ପ୍ରକାଶ ଯୋଶୀଙ୍କୁ ନୈନିତାଲ-ଉଧମସିଂହ ନଗର ଲୋକସଭା ଆସନରେ ୩ଲକ୍ଷରୁ ଊର୍ଦ୍ଧ୍ୱ ଭୋଟ୍‌ରେ ପରାସ୍ତ କରିଛନ୍ତି । ତ୍ରିବେନ୍ଦ୍ର ସିଂହ ରାୱତ୍ ହରିଦ୍ୱାର ଆସନରୁ କଂଗ୍ରେସର ବୀରେନ୍ଦ୍ର ରାୱତଙ୍କୁ ପରାସ୍ତ କରିଛନ୍ତି । ସେହିଭଳି ଗରୱାଲ୍ ଆସନରୁ ବିଜେପିର ଅନିଲ ବାଲୁନି ବିଜୟୀ ହୋଇଛନ୍ତି ।

ରାଜସ୍ଥାନର ୨୫ଟି ଲୋକସଭା ଆସନରୁ ବିଜେପି ୧୪ଟିରେ ଏବଂ କଂଗ୍ରେସ ୮ଟିରେ ବିଜୟ ହାସଲ କରିଛି । ସିପିଆଇଏମ୍, ରାଷ୍ଟ୍ରୀୟ ଲୋକତାନ୍ତ୍ରିକ ଦଳ ଓ ଭାରତ ଆଦିବାସୀ ପାର୍ଟି ଗୋଟିଏ ଲେଖାଏଁ ଆସନ ହାସଲ କରିଛନ୍ତି ।

ଗୁଜରାଟରେ ୨୬ଟି ଆସନରୁ ବିଜେପି ୨୫ଟିରେ ବିଜୟ ଲାଭ କରିଥିବା ବେଳେ କଂଗ୍ରେସ ଗୋଟିଏ ଆସନ ପାଇଛି ।

ମହାରାଷ୍ଟ୍ରରେ ବିଜେପି ୪୮ଟି ଆସନ ମଧ୍ୟରୁ ୯ଟିରେ ବିଜୟ ହାସଲ କରିଛି । କଂଗ୍ରେସ ୧୩ଟି, ଶିବସେନା ଉଧବ ୯ଟି, ଶିବସେନା ଏସ୍.ଏଚ୍.ଏସ୍. ୭ଟି, ଏନ୍.ସି.ପି. ଶରଦ ପାୱାର ୭ଟି ଆସନରେ ବିଜୟ ହାସଲ କରିଛି ।

ଗୋଆରେ କଂଗ୍ରେସ ଗୋଟିଏ ଆସନ ଏବଂ ବିଜେପି ଗୋଟିଏ ଆସନ ପାଇଛି ।

ମଧ୍ୟପ୍ରଦେଶରେ ବିଜେପି ୨୯ଟି ଯାକ ସିଟ୍ ହାସଲ କରିଛି ।

ଛତିଶଗଡ଼ରେ ବିଜେପି ୧୦ଟି ଆସନ ପାଇଥିବା ବେଳେ କଂଗ୍ରେସ ଗୋଟିଏ ଆସନ ହାସଲ କରିଛି ।

ଓଡ଼ିଶାରେ ବିଜେପି ୨୧ଟି ଆସନରୁ ୨୦ଟିରେ ବିଜୟ ଲାଭ କରି ଅଭୁତପୂର୍ବ ସଫଳତା ହାସଲ କରିଛି । କଂଗ୍ରେସ ଗୋଟିଏ ଆସନ ପାଇଛି, ବିଜେଡ଼ି କୌଣସି ଆସନରେ ଜିତିପାରି ନାହିଁ ।

ଝାଡ଼ଖଣ୍ଡରେ ୧୪ଟି ଲୋକସଭା ଆସନ ମଧ୍ୟରୁ ବିଜେପି ୮ଟି, ଜେ.ଏମ୍.ଏମ୍. ୩ଟି, କଂଗ୍ରେସ ୨ଟି, ଏ.ଜେ.ଏସ୍.ୟୁ. ଗୋଟିଏ ଆସନରେ ବିଜୟ ହାସଲ କରିଛି ।

ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ୨୯ଟି ସିଟ୍ ପାଇଛି । ବିଜେପି ୧୨ଟି ବିଜୟ ହାସଲ କରିଛି । କଂଗ୍ରେସର ଇଶା ଖାଁ ଚୌଧୁରୀ ମାଲଦା ଦକ୍ଷିଣ ଆସନରୁ ବିଜୟ ହୋଇଛନ୍ତି ।

ଆସାମରେ ବିଜେପି ୯ଟି ଆସନ ଅକ୍ତିଆର କରିଛି । କଂଗ୍ରେସ ୩ଟି, ୟୁନାଇଟେଡ୍ ପିପୁଲ୍ସ ପାର୍ଟି (ଲିବେରାଲ୍) ଏବଂ ଆସାମ ଗଣପରିଷଦ ଗୋଟିଏ ଲେଖାଏଁ ଆସନରେ ବିଜୟୀ ହୋଇଛନ୍ତି ।

ତ୍ରିପୁରାରେ ବିଜେପି ୨ଟି ଯାକ ଆସନ ଅକ୍ତିଆର କରିଛି । ଅରୁଣା ଚଳ ପ୍ରଦେଶରେ ବିଜେପିର କେନ୍ଦ୍ର ମନ୍ତ୍ରୀ କିରଣ ରିଜିଜୁ ବିଜୟୀ ହୋଇଛନ୍ତି । ମଣିପୁରରେ କଂଗ୍ରେସ ୨ଟି ଯାକ ଆସନ ହାସଲ କରିଛି । ମିଜୋରାମ୍‌ରେ ଜେଡ୍.ପି.ଏମ୍. ଗୋଟିଏ ଆସନ ହାସଲ କରିଛି ।

ନାଗାଲାଣ୍ଡରେ କଂଗ୍ରେସର ପ୍ରାର୍ଥୀ ଏସ୍.ଏସ୍. ଜମିର୍ ବିଜୟୀ ହୋଇଛନ୍ତି । ମେଘାଳୟରେ କଂଗ୍ରେସ ପ୍ରାର୍ଥୀ ଏ. ସାଙ୍ଗମା ବିଜୟୀ ହୋଇଛନ୍ତି । ଭଏସ୍ ଅଫ୍ ପିପୁଲ୍ ପାର୍ଟି ଗୋଟିଏ ଆସନରେ ବିଜୟୀ ହୋଇଛି । ସିକ୍କିମ୍‌ରେ ଏସ୍.କେ.ଏମ୍. ଗୋଟିଏ ଆସନ ହାସଲ କରିଛି । ଆଣ୍ଡାମାନ ନିକୋବର ଲୋକସଭା ଆସନ ବିଜେପି ସପକ୍ଷରେ ଯାଇଛି । ଦାଦରା ଏବଂ ନଗର ହାଭେଲି ବିଜେପି ଅକ୍ତିଆର କରିଥିବା ବେଳେ ଦାମନ୍ ଏବଂ ଡିଉ ଲୋକସଭା ଆସନରେ ସ୍ୱାଧୀନ ପ୍ରାର୍ଥୀ ଉମେଶ ଭାଇ ବବୁ ଭାଇ ପଟେଲ୍ ବିଜୟୀ ହୋଇଛନ୍ତି ।

ଆନ୍ଧ୍ରପ୍ରଦେଶରେ ୨୫ଟି ଆସନ ମଧ୍ୟରୁ ଟି.ଡି.ପି. ୧୬ଟିରେ, ବିଜେପି ୩ଟି, ୱାଇ.ଏସ୍.ଆର୍.ସି.ପି. ୪ଟି, ଜନସେନା ପାର୍ଟି ୨ଟି ଆସନରେ ବିଜୟ ହାସଲ କରିଛି ।

ତେଲଙ୍ଗାନାର ୧୭ଟି ଆସନ ମଧ୍ୟରୁ ବିଜେପି ଏବଂ କଂଗ୍ରେସ ୮ଟି ଲେଖାଏଁ ଆସନରେ ବିଜୟ ହାସଲ କରିଥିବା ବେଳେ ଏ.ଆଇ.ଏମ୍.ଆଇ.ଏମ୍. ଗୋଟିଏ ଆସନ ପାଇଛି ।

ତାମିଲନାଡୁରେ ୩୯ଟି ଲୋକସଭା ଆସନ ମଧ୍ୟରୁ ଡି.ଏମ୍.କେ. ୨୨, କଂଗ୍ରେସ ୯, ସି.ପି.ଆଇ., ସି.ପି.ଆଇ.ଏମ୍. ଭି.ସି.କେ. ୨ଟି ଲେଖାଏଁ ଆସନ ପାଇଥିବା ବେଳେ ଏମ୍.ଡି.ଏମ୍.କେ. ଏବଂ ଆଇ.ୟୁ.ଏମ୍.ଏଲ୍. ଗୋଟିଏ ଲେଖାଏଁ ଆସନ ପାଇଛନ୍ତି ।

କେରଳରେ ୨୦ଟି ଆସନ ମଧ୍ୟରୁ ୟୁ.ଡି.ଏଫ୍. ୧୮ଟି ଆସନ ପାଇଛି । ବିଜେପି ପ୍ରଥମ ଥର ପାଇଁ ତ୍ରିଶୁର ଲୋକସଭା ଆସନରେ ବିଜୟ ହାସଲ କରିଛି । ସି.ପି.ଆଇ.ଏମ୍. ଗୋଟିଏ ସିଟ୍‌ରେ ବିଜୟୀ ହୋଇଛି । କଂଗ୍ରେସର ରାହୁଲ ଗାନ୍ଧି ଓ୍ୱାଇନାଡ୍ ଆସନରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱିଙ୍କ ଠାରୁ ୩ ଲକ୍ଷ ୫୦ହାରରୁ ଅଧିକ ଭୋଟ୍‌ରେ ବିଜୟୀ ହୋଇଛନ୍ତି । କଂଗ୍ରେସର ଶଶିଥରୁର୍ ତିରୁଅନନ୍ତପୁରମ୍ ଆସନରେ ବିଜୟ ହାସଲ କରିଛନ୍ତି ।

କର୍ଣ୍ଣାଟକର ୨୮ଟି ଲୋକସଭା ଆସନ ମଧ୍ୟରୁ ବିଜେପି ୧୭ଟିରେ, କଂଗ୍ରେସ ୯ ଏବଂ ଜେ.ଡି.ଏସ୍. ୨ଟି ଆସନରେ ବିଜୟୀ ହାସଲ କରିଛି ।

ଓଡ଼ିଶା ବିଧାନସଭା ନିର୍ବାଚନରେ ୧୪୭ଟି ଆସନ ମଧ୍ୟରୁ ବିଜେପି ୭୮ଟି ଆସନ ଅକ୍ତିଆର କରିଛି । ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନରେ ୧୭୫ଟି ଆସନ ମଧ୍ୟରୁ ଟି.ଡି.ପି. ୧୩୫ଟି ଆସନ ଜିତିଛି ।

ବିଭିନ୍ନ ରାଜ୍ୟରେ ଅନୁଷ୍ଠିତ ୨୫ଟି ବିଧାନସଭା ଉପନିର୍ବାଚନରେ ବିଜେପି ୧୧ଟି, କଂଗ୍ରେସ ୭ଟି, ସମାଜବାଦୀ ପାର୍ଟି ଏବଂ ତୃଣମୂଳ

କଂଗ୍ରେସ ୨ଟି ଲେଖାଏଁ, ସି.ପି.ଆଇ.ଏମ୍.ଏଲ୍., ଜେ.ଏମ୍.ଏମ୍. ଏବଂ ବି.ଏ.ପି. ଗୋଟିଏ ଲେଖାଏଁ ଆସନରେ ବିଜୟ ହାସଲ କରିଛନ୍ତି ।

## କ୍ରିକେଟ୍

ଚଳିତ ଟି-ଟ୍ୱୋଣ୍ଟି ବିଶ୍ୱକପ୍ କ୍ରିକେଟ୍ ସିରିଜ୍‌ରେ ଭାରତ ଆଜି ତାର ଅଭିଯାନ ଆରମ୍ଭ କରିବ । ନ୍ୟୁୟର୍କର ନାସାଉ କାଉଣ୍ଟି ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍‌ରେ ଆୟର୍ଲାଣ୍ଡ ବିପକ୍ଷରେ ମ୍ୟାଚ୍ ଖେଳିବ । ଭାରତୀୟ ସମୟ ରାତି ୮ଟାରେ ଏହି ମ୍ୟାଚ୍ ଖେଳାଯିବ ।

ଗତକାଲି ଅନୁଷ୍ଠିତ ଦୁଇଟି ମ୍ୟାଚ୍ ମଧ୍ୟରୁ ଇଂଲଣ୍ଡ ଏବଂ ସ୍କଟ୍‌ଲାଣ୍ଡ ମଧ୍ୟରେ ମ୍ୟାଚ୍ ବର୍ଷା ଯୋଗୁଁ ସମ୍ଭବ ହୋଇପାରି ନ ଥିଲା ଏବଂ ଅନ୍ୟ ଏକ ମ୍ୟାଚ୍‌ରେ ନେଦରଲାଣ୍ଡ' ନେପାଳକୁ ୬ଓ୍ୱିକେଟ୍‌ରେ ପରାସ୍ତ କରିଛି ।